# ‘ଈ’ କାର

**STUDY NOTES**

- ଆମେ ‘ଈ’ କାର ମାତ୍ରା ଯୋଗ କରି ବର୍ଣ୍ଣର ଉଚ୍ଚାରଣ ଲିଖନ ଓ ପଠନ ଶୈଳୀ ବିଷୟରେ ଜ୍ଞାନ ଲାଭ କରିବା ।
- ‘ଈ’ କାର ମାତ୍ରା ଯୋଗର ବ୍ୟବହାର ଓ ଲିଖନ ବିଷୟରେ ଜାଣିବା ।
- ‘କ’ ବର୍ଣ୍ଣରେ ଆମେ (ୀ) ଗୋଟିଏ ବଙ୍କୁଲୀ ବାଡିଟିଏ ଦେଲେ ତାହା ‘ଈ’କାର ଯୋଗ ହେବ । ଏହିଭଳି ‘କ’ ଠାରୁ ‘ଳ’ ପର୍ଯ୍ୟନ୍ତ (ୀ) ‘ଈ’ କାର ଯୋଗ କରି ଲେଖିଲେ ତାହା –

  କୀ, ଖୀ, ଗୀ, ଘୀ, ଚୀ, ଛୀ, ଜୀ, ଝୀ, ଟୀ,

  ଠୀ, ଡୀ, ଢୀ, ଣୀ, ତୀ, ଥୀ, ଦୀ, ଧୀ, ନୀ,

  ପୀ, ଫୀ, ବୀ, ଭୀ, ମୀ, ଯୀ, ରୀ, ଳୀ, ଶୀ,

  ଷୀ, ସୀ, ହୀ, କ୍ଷୀ, ୟୀ, ଲୀ ଉଚ୍ଚାରଣ ହେବ ।
- ମାତ୍ରା ଯୋଗ ଅକ୍ଷର ଲିଖନ ।

  ଯଥା – କ୍ + ଈ = କୀ

  ଖ୍ + ଈ = ଖୀ

  ଗ୍ + ଈ = ଗୀ
- ‘ଈ’ କାର ମାତ୍ରା ଯୋଗ ଶବ୍ଦ ଗଠନ ଓ ଉଚ୍ଚାରଣ ।

| | | | | | | |
|---|---|---|---|---|---|---|
| ମୀନ | ନଦୀ | ମାନୀ | ନୀତା | ଧୀର | ରମଣୀ | ଧୀବର |
| ଦୀନ | ନୀର | ଧନୀ | ରୀତା | ବୀର | ଧରଣୀ | ନବୀନ |
| ହୀନ | ଗୀତ | ଦୀନ | ଗୀତା | କ୍ଷୀର | ତରଣୀ | ଅଧୀନ |
| ଖୀନ | ଶୀତ | ମୀନ | ସୀତା | ତୀର | ଭଗିନୀ | ଜୀବନ |
| ହାତୀ | ରଜନୀ | ଜନନୀ | ଯାମିନୀ | | | |
| ବୀଣାପାଣି | ମାନନୀୟ | ରମଣୀୟ | ମହାନଦୀ | ମହାଦୀପ | | |

- ‘ଈ’ କାର ମାତ୍ରା ଯୋଗ ବାକ୍ୟ ଗଠନ ।

  ମାଆ ବୀଣାପାଣି ପାଠ ଦାୟିନୀ ।

  ଧରଣୀ ରାଣୀର ଆଦି ଜନନୀ ।

  ଶୀତଳ ମହାନଦୀ ନୀର ।

  ହାତୀ ଚାଲଇ ଧୀର ଧୀର ।

  କାହାଳୀ ବଜାଇ ଗାଇବା ଗୀତ ।

  ପାଠପଢି ହାତୀ ଚଢିବା ମିତ ।

**ଅଭ୍ୟାସ କାର୍ଯ୍ୟ**

**୧. ପଠିତାଂଶଟିକୁ ପଢି ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।**

ମାଆ ବୀଣାପାଣି ପାଠ ଦାୟିନୀ,
ଧରଣୀ ରାଣୀର ଆଦି ଜନନୀ ।
ଶୀତଳ ମହାନଦୀ ନୀର,
ହାତୀ ଚାଲଇ ଧୀର ଧୀର ।

କ) ଖାଲିଘର ପୂରଣ କର ।

(i) ମାଆ _________ପାଠ ଦାୟିନୀ ।

(ii) ଧରଣୀ ରାଣୀର ଆଦି _________।

(iii) ଶୀତଳ _________ନୀର ।

(iv) _________ଚାଲଇ ଧୀର ଧୀର ।

(v) ସମାନ ଉଚ୍ଚାରଣ ଶବ୍ଦ ଲେଖ ।

ନୀର – [ ]

ODM EDUCATIONAL GROUP
Changing your Tomorrow

**୨. ‘ଈ’ କାର ଥିବା ଶବ୍ଦକୁ ଗୋଲ ବୁଲାଅ ।**

| | | | |
|---|---|---|---|
| ମୀନ | ପିଠା | ରୀତା | କାଚ |
| ଗଛ | ହାତୀ | ରାତି | ଘର |
| ନଦୀ | ଜାତି | ମାଛି | ପଇଡ |
| ଆଖି | ପଖାଳ | ସୀତା | ବୀର |
| ଛବି | କ୍ଷୀର | ମାଛ | ବାଟ |
| କାତ | ଗଣି | କଟକ | ତୀର |

**୩. ସ୍ତମ୍ଭ ମିଳନ କର । (ସମାନ ଉଚ୍ଚାରଣ ଶବ୍ଦ)**


| ‘କ’ ସ୍ତମ୍ଭ | ‘ଖ’ସ୍ତମ୍ଭ | ଶବଦ |
|---|---|---|
| ଗୀ | ତ | |
| ହା | ତ | |
| ଶୀ | ତୀ | |
| ଧୀ | ଦୀ | |
| ହୀ | ର | |
| ନ | ନ | |

**୪. ଶବ୍ଦ ଗଢ ।**

ମୀ, ଦୀ, ହୀ → ନ

ନୀ, ରୀ, ଗୀ → ତା

ODM EDUCATIONAL GROUP
Changing your Tomorrow




**୫. ବାକ୍ୟ ଗୁଡିକୁ ସଜାଡି ଲେଖ ।**

କ) ରାଣୀର ଆଦି ଧରଣୀ ଜନନୀ –

ଖ) ମହାନଦୀ ଶୀତଳ ନୀର –

ଗ) ବଜାଇ କାହାଳୀ ଗୀତ ଗାଇବା –

ଘ) ପଢ଼ି ପାଠ ହାତୀ ମିତ ଚଢ଼ିବା –

ଙ) ବୀଣାପାଣି ପାଠ ମାଆ ଦାୟିନୀ –

****